# ତହସିଲଦାର ଙ୍କ କାର୍ଯ୍ୟାଳୟ , ଆଗଲପୁର

ସଂଖ୍ୟା 1580 ତା 12-07-18

ଲଘୁ ଖଣିଜ ଲିଜ ନିମନ୍ତେ ବିଜ୍ଞାପନ

ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୧୮ ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ ) ଆଇନ ୨୦୧୮ ଅନୁଯାୟୀ ଏତଦ ଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ , ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ଆଗଲପୁର ତହସିଲ ଅନ୍ତର୍ଗତ ସୂଚୀରେ ପ୍ରଦତ୍ତ ସଇରାଡ଼ ଉତ୍ସ (ବାଲି ) ଗୁଡିକ ଅନୁନ୍ୟ ଆଗାମୀ ୫ (ପାଞ୍ଚ ) ବର୍ଷ ନିମନ୍ତେ (୨୦୧୮ -୧୯ ଆର୍ଥିକ ବର୍ଷଠାରୁ ୨୦୨୨-୨୩ ପର୍ଯ୍ୟନ୍ତ ) ଦୀର୍ଘ ମିଆଦୀ ଲିଜ ଦ୍ରବ୍ୟ ରିହାତି (ସଂଶୋଧନ ) ଆଇନ - ୨୦୧୮ ର ଫର୍ମ - 'J ' (୩ ସେଟ ) ପୂରଣ କରି ନିମ୍ନଲିଖିତ ଆବଶ୍ୟକୀୟ ପ୍ରମାଣ ପତ୍ର ଓ କାଗଜାତ ସଂଲଗ୍ନ କରି ଜଉମୁଦ ଲଫାଫାରେ ତହସିଲଦାର ଆଗଲପୁରଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ (Drop Box ) କିମ୍ବା ରେଜେଷ୍ଟ୍ରି ଡାକ (Registered Post ) ଯୋଗେ ନିମ୍ନ ଲିଖିତ ଠିକଣାରେ ତା. ୧୧.୦୭.୨୦୧୮ ରୁ ତା. ୨୧.୦୭.୨୦୧୮ ମଧ୍ୟରେ ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ସମୟ ସକାଳ ଘ.୧୦.୦୦ ରୁ ଅପରାହ୍ନ ଘ. ୩.୦୦ ମଧ୍ୟରେ ଦରଖାସ୍ତ ଦାଖଲ କରିପାରିବେ । ଆବେଦନକାରୀ ଲଫାଫା ଉପରେ ଆବେଦନ କରୁଥିବା ଉତ୍ସର ନାମ ଲେଖିବା ଅନିବାର୍ଯ୍ୟ ଅଟେ । ଦରଖାସ୍ତକାରୀ ଦରଖସ୍ତରେ ଲଘୁ ଖଣିଜ ଦ୍ରବ୍ୟର ସରକାରଙ୍କ ଦ୍ୱାରା ଧାର୍ଯ୍ୟ ରୟାଲଟି ମୂଲ୍ୟ ଠାରୁ କମ ମୂଲ୍ୟ ଦର୍ଶାଇଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ଦରଖାସ୍ତଟି ନାକଚ ହେବ । ଉକ୍ତ ନିର୍ଦ୍ଧାରିତ ତାରିଖ ପରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଡାକ ଜନିତ ବିଳମ୍ବ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଲିଜରେ ଅଂଶଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଉତ୍ସଗୁଡିକୁ ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତଥିବାଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ । ଲିଜ ନେବା ପରେ ସୈରାଡ଼ ଚଳାଇବା ସମ୍ପର୍କ ରେ କୌଣସି ଅଭିଯୋଗ ଗ୍ରହଣନିୟ ହେବ ନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା, ୨୧.୦୭.୨୦୧୮ ରିଖ ଦିନ ୪.୦୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଖୋଲିଯାଇ ତନଖି କରାଯିବ ।

## ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ

୧. ଦରଖାସ୍ତ ଫି. ବାବଦକୁ ଟ.୧,୦୦୦/- (ଏକ ହଜାର ଟଙ୍କା) ଟ୍ରେଜେରି ଚାଲାଣ (Head of Account -0853 Non - Ferrous Mining ଆଣ୍ଡ Metallurgical Industries - 102 -Mineral Concession Fees , Rents and Royalties I ) ଏହି ଦରଖାସ୍ତ ଫି ଫେରସ୍ତ ଦିଆଯିବ ନାହିଁ ।

୨. ପ୍ରସ୍ତାବିତ ସୈରାଡ଼ ଉତ୍ସର ତଫସିଲ ସହ ଚୌହଦୀ ର ସମ୍ପୂର୍ଣ୍ଣ ସୈରାଡ଼ ଉତ୍ସକୁ ପରିଦର୍ଶନ କରି ତହସିଲ କାର୍ଯ୍ୟଳୟ ଦ୍ୱାରା ପ୍ରସ୍ତୁତ ନକ୍ସା ମେଳ କରି ସଂଲଗ୍ନ କରିବେ ।

୩. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ସତ୍ୟପାଠ ।

୪. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity ) ନିମନ୍ତେ ଆବେଦନକାରୀ ଦରଖସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟିର ସମପରିମାଣର ଏକ ସୋଧକ୍ଷମ ।ପ୍ରମାଣପତ୍ର ( Solvency Certificate ) [Requisite extent of solvency) valid for 12 months )= Minimum Guaranteed Quantity multiplied by (Offered additional charge + Royalty )]

୫. ପ୍ରାଧୀକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତିର ତାଲିକା ।

୬. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ଉପରେ ନିର୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟି ର ଶତକଡା ୫ ଭାଗ ରାଶି (EMD ) (Earnest Money Deposit ) ନିମନ୍ତେ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଦରଖାସ୍ତ ଫର୍ମ -'J ' ସହିତ ଦାଖଲ ଦେବେ ?

୭. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ବିବରଣୀ ତଥା ବୈଷୟିକ ଜ୍ଞାନ, ଦକ୍ଷତା,ନିଜର ଉପଲବ୍ଧି ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ଥିବା ତଥ୍ୟ ।

୮. ଆବେଦନକାରୀଙ୍କ ପାନ କାର୍ଡ (PAN CARD ) ର ନକଲ ।

୯. ଗତବର୍ଷ ଆୟକର ଦାଖଲ (Income Tax Return ) ବିବରଣୀ ର ନକଲ ।

## ବିଶେଷ ସର୍ତ୍ତାବଳୀ

୧. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧିତ ନିୟମାବଳୀ ୨୦୧୮ OMMC (Amendment ) Rule -2018 Manual of Tahasil Account Notification No 5311 / SM Bhubaneswar dated 11 .06 .2015 ର ପରିସରଭୁକ୍ତ ରହିବେ ।

୨. ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଓ ସର୍ବାଧିକ ରୟାଲଟି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ପ୍ରଦାନ କରାଯିବ । ଯଦି ଏକାଧିକ ଆବେଦନକାରୀ ଙ୍କ ସର୍ବାଧିକ ରୟାଲଟି ର ମୂଲ୍ୟ ସମାନ ହୁଏ ସେହି କ୍ଷେତ୍ରରେ ଲଟେରୀ ଉଠାଣ ମାଧ୍ୟମରେ ଲିଜ ଧାରୀଙ୍କୁ ଚୟନ କରାଯିବ ।

୩. ସର୍ବନିମ୍ନ ଅତିରିକ୍ତ ଦେୟର ପରିମାଣ ଧାର୍ଯ୍ୟ କରି ନ ଥିବାରୁ ଜିଲ୍ଲାପାଳ ବଲାଙ୍ଗୀର ଙ୍କ ନିର୍ଦ୍ଦେଶ କ୍ରମେ ଏହି ନୋଟିସ ରେ ସର୍ବନିମ୍ନ ଅତିରିକ୍ତ ଦେୟ ଧାର୍ଯ୍ୟ କରାଯାଇଅଛି । ପରବର୍ତ୍ତୀ ସମୟରେ ସରକାରଙ୍କ ନିକଟରୁ ସର୍ବନିମ୍ନ ଅତିରିକ୍ତ ଦେୟ ଧାର୍ଯ୍ୟ କରାଗଲେ ଉକ୍ତ ଧାର୍ଯ୍ୟ ମୂଲ୍ୟ ଓ ନୋଟିସରେ ଥିବା ଅତିରିକ୍ତ ଦେୟର ପାର୍ଥକ୍ୟ ମୂଲ୍ୟକୁ ମନୋନୀତ ଆବେଦନକାରୀ ଦାଖଲ କରିବାକୁ ବାଧ୍ୟ ହେବେ । ଆବେଦନ ପତ୍ରରେ ରୟାଲଟି ଦର୍ଶାଇବା ପାଇଁ ଧାର୍ଯ୍ୟ ହୋଇଥିବା ସ୍ଥାନରେ ରୟାଲଟି ସହ ଅତିରିକ୍ତ ଦେୟ ପୃଥକ ପୃଥକ ଭାବରେ ଦର୍ଶାଇବେ ।

୪. ଯୋଗ୍ୟ ବିବେଚିତ ଆବେଦନକାରୀ ପ୍ରାଧୀକୃତ ଅଧିକାରୀଙ୍କ ଦ୍ଵାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୭ (ସାତ ) ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ୍ଟ (Demand Draft ) ମାଧ୍ୟମରେ କିମ୍ବା ନଗଦ ଟଙ୍କା ଆକାରରେ ତହସିଲଦାର ଆଗଲପୁରଙ୍କ ନିକଟରେ ଦାଖଲ କରି ପାରିବେ । ଯଦି ଯୋଗ୍ୟ ବିବେଚିତ ଆବେଦନକାରୀ ୭ (ସାତ ) ଦିନ ମଧ୍ୟରେ ସମ୍ମତି ନ ଜଣାନ୍ତି ତେବେ ୨ ୟ ସର୍ବାଧିକ ନିଲାମ ଧାରୀଙ୍କୁ ସୁଯୋଗ ଦିଆଯିବ ।

୫. ଯଦି ନିଲାମଧାରୀ ନିର୍ଧାରିତ ସମୟରେ Mining Plan (in ZB Form ) ଓ ପରିବେଶ ମଞ୍ଜୁରୀ ସମ୍ବନ୍ଧୀୟ କାଗଜପତ୍ର ଦାଖଲ ନକରନ୍ତି ତେବେ ଉକ୍ତ ଅର୍ଥକୁ ବାଜ୍ୟାପ୍ତି କରାଯିବ ଏବଂ ଲିଜ ନାକଚ କରାଯିବ । ଏହି ସମୟ ପ୍ରକ୍ରିୟା ଶେଷ ହେବାପରେ ମନୋନୀତ ଆବେଦନକାରୀଙ୍କୁ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧନ)-୨୦୧୮ ର ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ୧୯୦୮ ରେଜିଷ୍ଟ୍ରସନ ଆକ୍ଟ ଓ ୧୮୯୯ ଷ୍ଟାମ୍ପ ଆକ୍ଟ ଅନୁଯାୟୀ ଚୁକ୍ତିପତ୍ର ସମ୍ପାଦନ କରିବାକୁ ହେବ ।

୬. ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ଦରଖାସ୍ତ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ ଜିଲ୍ଲା ଖଣିଜ ପାଣିକୁ (District Mineral Foundation ) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶ ରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ସୁଧ ରହିତ ଅମାନତ ରାଶିର ।ଗ୍ରହଣ ପରିମାଣ ସହ ସମାନ ହେବ । ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ସ୍ଥଳବିଶେଷ ରେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ଵାରା ପରିବର୍ତ୍ତନ କରାଯାଇପାରେ ।

୭. ମାଇନିଙ୍ଗ ପ୍ଲାନରେ ଦର୍ଶାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରୀଙ୍କ ଦ୍ଵାରା ଦର୍ଶାଯାଇଥିବା ଏକକ ରୟାଲଟିର ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଉକ୍ତ ରାଶି Environment Clearance ଆଣି ସରିଲା ପରେ ପୈଠ କରିବେ । ସମ୍ପୂର୍ଣ୍ଣ ରାଶି ପୈଠ ହେଲା ପରେ ଲିଜଧାରୀ ରେଜିଷ୍ଟ୍ରସନ ଆକ୍ଟ ୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ ଚୁକ୍ତି ପତ୍ର (Lease Deed ) ସମ୍ପାଦନ କରିବେ ।

୮ . ଲିଜଧାରୀ ଲିଜ ବାବଦକୁ ରୟାଲଟି ଦେୟର ଶତକଡା ୫ ଭାଗ Environment Management Fund ବାବଦକୁ ତହସିଲଦାରଙ୍କ ପାଖରେ ଦାଖଲ କରିବେ ଓ ୨% ଅର୍ଥ ଆୟକର (T . D .S .)ବାବଦକୁ ଚାଲାଣ ଆକାରରେ ଜମା କରିବେ ।

୯ .ପ୍ରଚଳିତ ନିୟମ ଅନୁଯାୟୀ ଲିଜ ଅବଧିର ୩ (ତିନି ) ବର୍ଷ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ରୟାଲଟି ମୂଲ୍ୟରେ ଶତକଡା ୪୦ ଭାଗ ବୃଦ୍ଧି ହେବ । ଏଣୁ ସଂପୃକ୍ତ ଲିଜଧାରୀ ମୂଲ୍ୟାଙ୍କନ କରିଥିବାରେ ମଧ୍ୟ ସମ ପରିମାଣରେ ବୃଦ୍ଧି କରାଯିବ ।

୧୦ . ଯଦି ପ୍ରଥମ ଧାର୍ଯ୍ୟ ତାରିଖରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ନ ହୁଏ କିମ୍ବା ସମସ୍ତ ଦରଖାସ୍ତକାରି ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହେଲେ ଦ୍ଵିତୀୟ ଥର ପାଇଁ ତା. ୨୨.୦୭.୨୦୧୮ ରିଖ ଠାରୁ ତା. ୩୧.୦୭.୨୦୧୮ ରିଖ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରି ପାରିବେ । ଏହି ତାରିଖରେ ପ୍ରାପ୍ତ ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତଙ୍କ ସମ୍ମୁଖରେ ତା. ୩୧.୦୭.୨୦୧୮ ରିଖ ଦିବା ୪.୦୦ ଘଟିକା ସମୟରେ ତହସିଲଦାରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ । ସେହିପରି ଯଦି ଦ୍ଵିତୀୟଥର ମଧ୍ୟ କୌଣସି ଉତ୍ସ ପାଇଁ ଆଦୌ ଦରଖାସ୍ତ ଆସି ନ ଥାଏ କିମ୍ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହେଲେ ତୃତୀୟ ଥର ପାଇଁ ତା. ୦୧.୦୮.୨୦୧୮ ରିଖ ଠାରୁ ତା. . ୧୦.୦୮.୨୦୧୮ ରିଖ ଅପରାହ୍ନ ୩ ଘଟିକା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତିମାନେ ଉପରୋକ୍ତ ମତେ ଦରଖାସ୍ତ ଦାଖଲ କରି ପାରିବେ । ଏହି ତାରିଖର ପ୍ରାପ୍ତ ଦରଖାସ୍ତ ଗୁଡିକୁ ଉପସ୍ଥିତ ଆବେଦନକାରୀ କିମ୍ବା ତାଙ୍କ ଦ୍ଵାରା କ୍ଷମତା ପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ତା. ୧୦.୦୮.୨୦୧୮ ରିଖ ଦିବା ୪.୦୦ ଘଟିକା ସମୟରେ ତହସିଲଦାର ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯାଇ ତନଖି କରାଯିବ ।

୧୧. ପରବର୍ତ୍ତୀ ସମୟରେ ଯଦି କୌଣସି ଦେୟର ମୂଲ୍ୟ ବୃଦ୍ଧି ହୁଏ କିମ୍ବା ସରକାରଙ୍କ ଦ୍ଵାରା କୌଣସି ନୂତନ ଦେୟ ଧାର୍ଯ୍ୟ ହୁଏ ତେବେ ଉକ୍ତ ଦେୟ ଆଦାୟ କରିବାର ଅଧିକାର ନିମ୍ନ ସ୍ଵାକ୍ଷରକାରୀଙ୍କ ର ରହିଛି ।

୧୨. ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତନ କରିବାର ଅଧିକାର ନିମ୍ନ ସ୍ଵାକ୍ଷରକାରୀଙ୍କ ରହିଛି ।

୧୩. କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ ଓ ରଦ୍ଦ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୧୪. ଲିଜଧାରୀଙ୍କୁ ଏହି ବିଜ୍ଞପ୍ତି ର ବିଜ୍ଞାପନ ବାବଦକୁ ଖର୍ଚ୍ଚ ଏହି ଅଫିସରେ ପୈଠ କରିବାକୁ ପଡିବ ।

୧୫. ସୈରାତ୍ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହା ସମ୍ବନ୍ଧୀୟ ସମ୍ପୂର୍ଣ ସର୍ତାବଳୀ www . balangir .nic .in ରେ ଉପଲବ୍ଧ ହେବ ।

ଡାକ ଠିକଣା

ତହସିଲ କାର୍ଯ୍ୟାଳୟ, ଆଗଲପୁର

ଜିଲ୍ଲା -ବଲାଙ୍ଗୀର

ରାଜ୍ୟ-ଓଡିଶା

ପିନ -୭୬୭୦୨୨

ତହସିଲଦାର ଆଗଲପୁର

# Annexure - I

| Sl No | Name of the Village/Mouza | Name of the Source | Type | Kissam | Khata No. | Plot No. | Area (in Ac) | Rate of Royalty per cum (in Rs.) | Add. Charges | Minimum guranteed Quintaty | Sovency | EMD |
|---|---|---|---|---|---|---|---|---|---|---|---|---|
| 1 | DENGJURI | SAND QUARY | SAND | JORE | 37 | 389 | 13 | 35 | 5 | 4000 | 1,60,000/- | 6600 |
| 2 | KUTASINGHA | SAND QUARY | SAND | NADI | 384 | 1 | 12.5 | 35 | 4 | 4000 | 1,56,000/- | 6400 |
| 3 | TENTULIGAON | SAND QUARY | SAND | NADI | 82 | 1 | 15 | 35 | 5 | 6000 | 2,40,000/- | 19800 |
| 4 | BANJIPALI | SAND QUARY | SAND | NADI | 91 | 942/1042 846/1041 | 13 | 35 | 5 | 4000 | 1,60,000/- | 13200 |
| 5 | GUNDURUMUNDA | SAND QUARY | SAND | NADI | 54 | 1 | 15 | 35 | 5 | 7000 | 2,80,000/- | 11550 |
| 6 | FATAMUNDA | SAND QUARY | SAND | NADI | 191 | 1709/2528 | 13 | 35 | 4 | 4000 | 1,56,000/- | 19200 |

Tashalldar, agalpur